# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 February – 2025**

# ମହାଶିବରାତ୍ରୀ

ରାଜ୍ୟର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ପର୍ବ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଛି । ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁମାନେ ଉପବାସ ଭାଙ୍ଗିଛନ୍ତି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଗତକାଲି ରାତି ୧୦ଟା ୪୦ ମିନିଟ୍‌ରେ ମହାଦୀପ ଉଠିଥିଲା । ସେହିପରି ଭଦ୍ରକ ଜିଲ୍ଲାର ବାବା ଆଖଣ୍ଡଳମଣିଙ୍କ ପୀଠରେ ଆଜି ଭୋର୍ ୪ଟା ୩୦ ମିନିଟ୍ ସମୟରେ ମହାଦୀପ ଉଠିଥିଲା । ଶ୍ରଦ୍ଧାଳୁମାନେ ଉଜାଗର ରହି ଶିବ ମନ୍ଦିରରେ ମହାଦେବଙ୍କ ବିଭିନ୍ନ ବେଶ ଦର୍ଶନ କରିଥିଲେ । ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ରାତି ଗୋଟାଏ ୧୨ ମିନିଟ୍‌ରେ ମହାଦୀପ ଉଠିଥିଲା । ଗତକାଲି ରାତିରେ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଧରି ସେବାୟତ ମନ୍ଦିର ଉପରକୁ ଉଠୁଥିବା ବେଳେ ତଳକୁ ଖସିପଡ଼ିଥିଲେ । ତାଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାପିଟାଲ ହସପିଟାଲ ଯାଇ ଆହତ ସେବାୟତଙ୍କୁ ଭେଟିଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳ କହିଛନ୍ତି, ଏଭଳି ଘଟଣା କାହିଁକି ଓ କେମିତି ଘଟିଲା, ତା'ର ଅନୁଧ୍ୟାନ କରାଯିବ ।

## ମହାକୁମ୍ଭ

ଉତ୍ତରପ୍ରଦେଶ ପ୍ରୟାଗରାଜରେ ୪୫ ଦିନ ଧରି ଚାଲିଥିବା ମହାକୁମ୍ଭ ମେଳା ଶେଷ ହୋଇଛି । ଗତକାଲି ଶେଷଦିନରେ ୧ କୋଟି ୪୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ସ୍ନାନ କରିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାମାଜିକ ଗଣମାଧ୍ୟମ ଜରିଆରେ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ସଂଗମରେ ବୁଡ଼ ପକାଇଥିବା ସୂଚନା ଦେଇଛନ୍ତି । ଗତ ଜାନୁଆରୀ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳାରେ ବିଭିନ୍ନ ଆଖଡ଼ାର ସାଧୁସନ୍ଥ, ଶ୍ରଦ୍ଧାଳୁ, ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଦେଶରୁ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ ।

## କ୍ଷେପଣାସ୍ତ୍ର

ପ୍ରତିରକ୍ଷା ଗବେଷଣ ଉନ୍ନୟନ ସଂସ୍ଥାନ-ଡିଆରଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷାକେନ୍ଦ୍ରରେ ଦେଶର ପ୍ରଥମ ନାଭାଲ୍ ଆଣ୍ଟିସିପ୍ କ୍ଷେପଣାସ୍ତ୍ରର ଗତ ସନ୍ଧ୍ୟାରେ ସଫଳ ପରୀକ୍ଷଣ କରାଯାଇଛି । ଶତ୍ରୁପକ୍ଷ ଜାହାଜକୁ ଲକ୍ଷ୍ୟ ଭେଦ କରିବାର ଦକ୍ଷତା ଥିବା ଏହି କ୍ଷେପଣାସ୍ତ୍ର ଭାରତୀୟ ନୌସେନାର ସନ୍ଧାନୀ ହେଲିକପ୍ଟରରୁ ପରୀକ୍ଷା କରାଯାଇଥିଲା । ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ’ ଡିଆର୍‌ଡିଓ ଏବଂ ଭାରତୀୟ ନୌସେନାକୁ ପ୍ରଶଂସା କରିଛନ୍ତି ।

## କିଶୋରୀ-କିଶୋର ସମାବେଶ

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆଜି ଓ ଆସନ୍ତାକାଲି ଦୁଇଦିନ ଧରି କିଶୋରୀ-କିଶୋର ସମାବେଶ ଆୟୋଜିତ ହେବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବେ । ଆସନ୍ତାମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆଜିଠାରୁ ଦୁଇଦିନିଆ କିଶୋରୀ-କିଶୋର ସମାବେଶର ଆୟୋଜନ କରାଯାଉଛି ।

## ଲୋକସେବା ଆୟୋଗ

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା-୨୦୨୪ ପାଇଁ ନିର୍ଦ୍ଧାରିତ ସଂଖ୍ୟକ ପରୀକ୍ଷା ଦେଇସାରିଥିବା ଏବଂ ବୟସ ସୀମା ଶେଷ ହୋଇଥିବା ଆଶାୟୀମାନେ ଆଉଥରେ ପରୀକ୍ଷା ଦେଇପାରିବେ । ଓସିଏସ୍-୨୦୨୪ରେ ସେହିଭଳି ପ୍ରାର୍ଥୀମାନଙ୍କୁ ଆଉଥରେ ସୁଯୋଗ ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ମାର୍ଚ୍ଚ ୬ ତାରିଖରୁ ଏଥିନିମନ୍ତେ ଆବେଦନ ଆରମ୍ଭ ହେବ । ସେହିଭଳି ପରୀକ୍ଷାର୍ଥୀମାନେ ଏଣିକି କେବଳ ଭାଷା ବିଷୟ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ଓଡ଼ିଆରେ ଉତ୍ତର ଲେଖିପାରିବେ ବୋଲି ଓପିଏସ୍‌ସି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଜୟନ୍ତୀ

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଆଜି ପାଳିତ ହେଉଛି । ଆଜି ସକାଳେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିବେ । ସନ୍ଧ୍ୟାରେ ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏଥିରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

# ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମ

ଗଞ୍ଜାମ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ଯୋଜନା ଅଧୀନରେ ଜଳ ଚାଷ ବୀମା ସଂପର୍କରେ ଆଲୋଚନା ହୋଇଥିଲା । କର୍ମଶାଳାରେ ଉପସ୍ଥିତ ଅତିଥିମାନେ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣର ସୁବିଧା ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ୮୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୧୫ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

## ହକି

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାରେ  କିଟ୍ ବିଶ୍ୱବିଦ୍ୟାଳୟ କାଂସ୍ୟପଦକ ହାସଲ କରିଛି ।  ଅମ୍ରିତସରସ୍ଥିତ ଗୁରୁ ନାନକଦେବ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ଭୋପାଳର ଆର୍.ଏନ୍.ଟି. ବିଶ୍ୱବିଦ୍ୟାଳୟକୁ ୨-୧ ଗୋଲ୍‌ରେ ପରାସ୍ତ କରି କିଟ୍ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି ।

## ଫୁଟବଲ

ଅସ୍ମିତା ଖେଲୋ ଇଣ୍ଡିଆ ଫୁଟବଲ୍ ଲିଗ୍ ୧୩ ବର୍ଷରୁ କମ୍ ମହିଳା ବିଭାଗରେ ଓଡ଼ିଏମ୍ ଫୁଟବଲ ସ୍କୁଲ୍ ଓ ଓଜିପି ବିଜୟୀ ହୋଇଛି । କଟକ ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡିଏମ୍ ଫୁଟବଲ୍ ସ୍କୁଲ୍ ୬-୨ ଗୋଲ୍‌ରେ କିଟ୍ କିସ୍‌କୁ ପରାସ୍ତ କରିଥିବା ବେଳେ ଅନ୍ୟ ଏକ ମ୍ୟାଚ୍‌ରେ ଓଜିପି ୮-୦ ଗୋଲ୍‌ରେ କିଟ୍ କିସ୍‌କୁ ପରାସ୍ତ କରିଥିଲା ।

## ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତାକାଲିଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି।  ଗତକାଲି ବୌଦ୍ଧ ଜିଲ୍ଲାରେ ସର୍ବାଧିକ ଦିନ ତାପମାତ୍ରା ୩୬  ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ ରହିଥିବା

ବେଳେ ରାଉରକେଲାରେ ସର୍ବନିମ୍ନ ୧୫ ଦଶମିକ ୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।

................................................................................